

ଟୀପ୍‌ପଣୀ

## ପାଠ୍ୟଗତ ପ୍ରଶ୍ନାବଳୀ ୧୭.୪

୧. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

(କ) ସତୀପ୍ରଥା .................... ମସିହାରେ ପ୍ରତିବନ୍ଧିତ ହୋଇଥିଲା । (1828, 1829)

(ଖ) ଭାରତୀୟ ସମ୍ବିଧାନର ..............................ଧାରା ଅସ୍ପୃଶ୍ୟତା ନିବାରଣ କରିଛି । (17, 27)

(ଗ) ନିର୍ବାଚନ, ନାଗରିକମାନଙ୍କ ମଧ୍ୟରେ ଏକ ..................ର ଭାବନା ଜାଗ୍ରତ କରାଇଥାଏ । (ସନ୍ତୁଷ୍ଟି, ଦାୟିତ୍ୱବୋଧ)

## ୧୭.୬ ସାମାଜିକ ପରିବର୍ତ୍ତନର ଅର୍ଥନୈତିକ କାରକ (Economic factors of social change)

ଅର୍ଥନୈତିକ କାରକ ସାମାଜିକ ପରିବର୍ତ୍ତନର ପରିମାଣ ଓ ଦିଗକୁ ପ୍ରଭାବିତ କରିଥାଏ । ଆମେ ପ୍ରଥମେ ଆମର ଏ ସମ୍ପର୍କୀୟ ବିଶ୍ଳେଷଣର ଏକ ତାତ୍ତ୍ୱିକ ଦିଗ ଖୋଜିବାରେ ଏହି କାରକମାନଙ୍କର ପ୍ରଭାବକୁ ଅଧ୍ୟୟନ କରିବା ଓ ଦ୍ୱିତୀୟରେ ଉପଲବ୍ଧ ଥିବା ଏ ସମ୍ପର୍କୀୟ ପ୍ରମାଣ ସବୁକୁ ଅଧ୍ୟୟନ କରିବା ।

ନିର୍ଦ୍ଦିଷ୍ଟ ଭାବରେ ଆମେ-

୧. ମାର୍କ୍ସବାଦୀ ମତବାଦକୁ ଅଧ୍ୟୟନ କରିବା;

୨. ଔଦ୍ୟୋଗିକିକରଣର ପ୍ରଭାବକୁ ଅଧ୍ୟୟନ କରିବା; ଏବଂ

୩. ସବୁଜ ବିପ୍ଳବକୁ ଅଧ୍ୟୟନ କରିବା ।

## ୧୭.୭ ମାର୍କ୍ସବାଦୀ ମତବାଦ (The Marxian View)

ସାମାଜିକ ପରିବର୍ତ୍ତନର ଅର୍ଥନୈତିକ ତତ୍ତ୍ୱର ମୁଖ୍ୟ ପ୍ରବକ୍ତା କାର୍ଲମାର୍କ୍ସ ଥିଲେ । ତାଙ୍କ ମତରେ ସାମାଜିକ ପରିବର୍ତ୍ତନ ହେଉଛି ଅର୍ଥନୈତିକ କାରକମାନଙ୍କର ପରିଣାମ । ସମାଜର ଉତ୍ପାଦନର ମାଧ୍ୟମ (mode of production) ସମାଜର ସାମାଜିକ, ସାଂସ୍କୃତିକ, ଧାର୍ମିକ ଓ ରାଜନୈତିକ ଦିଗ ସବୁକୁ ନିର୍ଦ୍ଧାରଣ କରନ୍ତି ।

ମାର୍କ୍ସଙ୍କ ଅନୁସାରେ ସମାଜ ପ୍ରାରମ୍ଭରେ କୃଷିଭିତ୍ତିକ ସମାଜରୁ ସାମନ୍ତବାଦୀ ସମାଜକୁ ଓ ସାମନ୍ତବାଦୀ ସମାଜରୁ ପୁଞ୍ଜିବାଦ ଓ ପୁଞ୍ଜିବାଦୀ ସମାଜରୁ ସାମ୍ୟବାଦୀ ସମାଜକୁ ଗତି କରିବ । ସାମନ୍ତବାଦରେ ଥିବା ଅନ୍ତର୍ସମ୍ବନ୍ଧର ସଂଘର୍ଷରୁ ପୁଞ୍ଜିବାଦର ଉତ୍ପତ୍ତି ହୋଇଥାଏ । ଦୁଇଟି ଶ୍ରେଣୀ (ଯେଉଁମାନଙ୍କର ପରସ୍ପର ବିରୋଧୀ ଲକ୍ଷ୍ୟ ଥାଏ) ମଧ୍ୟରେ ସଂଘର୍ଷ ହୋଇଥାଏ । ସେମାନେ ହେଲେ "ବୁର୍ଜୁଆ" (bourgeois), ଯେଉଁମାନେ କି ଉତ୍ପାଦନର ମାଧ୍ୟମର ମାଲିକ (owners of means of production) ଓ 'ସର୍ବହରା' (proletariat), ଯେଉଁମାନେ ସାମାନ୍ୟ ମଜୁରୀ ପାଇଁ ବୁର୍ଜୁଆ ପାଖରେ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି । ପୁଞ୍ଜିପତି ବିରୁଦ୍ଧରେ ଶ୍ରମିକମାନଙ୍କ ଦ୍ୱାରା କରାଯାଇଥିବା ବିପ୍ଳବ ଜରିଆରେ ପୁଞ୍ଜିବାଦର ଅପକାରିତା ସବୁ ଦୂରେଇଯିବ ଓ ଏକ ସମାଜବାଦୀ, ଶ୍ରେଣୀହୀନ ସମାଜ ଗଠିତ ହେବ । ଏହି ସମାଜବାଦୀ ସମାଜରେ କୌଣସି ଶ୍ରେଣୀ ରହୁ ନଥିବାରୁ ଶୋଷଣ ଓ ସଂଘର୍ଷର ସ୍ଥାନ ମଧ୍ୟ ରହିବ ନାହିଁ । ସମାଜବାଦୀ ରାଷ୍ଟ୍ରର ଦୁଇ ପ୍ରମୁଖ ଲକ୍ଷଣ ହେଲା- 'ଶ୍ରେଣୀହୀନତା' ଓ 'ରାଷ୍ଟ୍ରବିହୀନତା' (statelessness) ମାର୍କ୍ସଙ୍କର ଚିନ୍ତାଧାରାର ପ୍ରମାଣ, ଔଦ୍ୟୋଗିକିକରଣ ପ୍ରକ୍ରିୟାର ପ୍ରଭାବକୁ ଅଧ୍ୟୟନ କଲେ ଜଣାପଡ଼େ ।







## ୧୭.୮ ଔଦ୍ୟୋଗିକୀକରଣର ପ୍ରଭାବ (Impact of Indusrialization)

ଶିଳ୍ପ ବିପ୍ଳବ, ଯାହାକି ୟୁରୋପରେ ସପ୍ତଦଶ ଶତାବ୍ଦୀର ଶେଷ ଭାଗରେ ଆରମ୍ଭ ହୋଇଥିଲା, ଧୀରେ ଧୀରେ ସମଗ୍ର ବିଶ୍ୱକୁ ପ୍ରସାରିତ ହେଲା । ଏହାର ବେଗ ପୃଥିବୀର ଭିନ୍ନ ଭିନ୍ନ ସ୍ଥାନରେ ଅଲଗା ହେଲେ ମଧ୍ୟ ଏହାର ପରିଣାମ ପ୍ରାୟ ସବୁଆଡ଼େ ସମାନ ଥିଲା । ନିମ୍ନୋକ୍ତ ପରିବର୍ତ୍ତନ ସବୁ (ଔଦ୍ୟୋଗିକକରଣ ଫଳରେ) ଦେଖାଯାଇଥିଲା ଓ ଅପେକ୍ଷାକୃତ ସ୍ଥାୟୀ ଥିଲା ।

(୧) ଉତ୍ପାଦନର ସ୍ଥାନ ପରିବର୍ତ୍ତନ - ଘରୁ ବାହାରି କଳ କାରଖାନା ଦ୍ୱାରା ପ୍ରସ୍ତୁତ ହେଉଛି ।

(୨) ଉତ୍ପାଦନର ପ୍ରକ୍ରିୟାରେ ପୁଞ୍ଜିର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହାସଲ,

(୩) କୃଷିଭିତ୍ତିକ ବୃତ୍ତିଗତ ଢାଞ୍ଚା ଔଦ୍ୟୋଗିକ ବୃତ୍ତିଗତ ଢାଞ୍ଚାରେ ପରିବର୍ତ୍ତିତ ହୋଇଛି ।

(୪) ସମାଜର ସବୁ ସ୍ତରରେ ଲୋକମାନେ ଶିଳ୍ପଭିତ୍ତିକ କାର୍ଯ୍ୟରେ ନିୟୋଜିତ ହେଉଛନ୍ତି ।

(୫) ମହିଳାମାନେ ଘରୁ ବାହାରି କର୍ମସଂସ୍ଥାନରେ ନିୟୋଜିତ ହେଉଛନ୍ତି ।

(୬) ଧର୍ମ ବିଶ୍ୱାସ ସମ୍ବନ୍ଧୀୟ ପ୍ରତିବନ୍ଧକ ସବୁ କାର୍ଯ୍ୟକ୍ଷେତ୍ରରେ ବିଫଳ ହୋଇଛି, କାରଣ ବହୁ ସଂଖ୍ୟାରେ ଶ୍ରମିକଙ୍କର ଆବଶ୍ୟକତା ବଢ଼ିଛି ।

(୭) ସହରୀକରଣର ଗତି ତ୍ୱରାନ୍ୱିତ ହୋଇଛି ।

(୮) ଏହା ଫଳରେ ଅନ୍ୟାନ୍ୟ କ୍ଷେତ୍ର, ଯଥା - ଗଣ ପରିବହନ ଓ ଯୋଗାଯୋଗ ବ୍ୟବସ୍ଥାରେ ମଧ୍ୟ ପରିବର୍ତ୍ତନ ଆସିଛି ଓ ପ୍ରଚଳିତ ସାମାଜିକ ଢାଞ୍ଚାରେ ବୈପ୍ଳବିକ ପରିବର୍ତ୍ତନ ହେଉଛି ।

ଏହି ସବୁ ପରିବର୍ତ୍ତନ ଯୋଗୁଁ ସାମାଜିକ ସଂପର୍କ ଉପରେ ସ୍ଥାୟୀ ପ୍ରଭାବ ପଡ଼ିଛି ଓ ସ୍ଥାୟୀ ପରିବର୍ତ୍ତନ ଆସିଛି ।


(୧) ନାରୀମାନଙ୍କର ଉତ୍‌ଥାନ ହେଉଛି, ଏହି ସବୁ ପରିବର୍ତ୍ତନମାନଙ୍କର ତାର୍କିକ ପରିଣାମ । ଆର୍ଥିକ ସ୍ୱାବଲମ୍ବନଶୀଳତା ଯୋଗୁଁ ପରିବାରରେ ମଧ୍ୟ ନାରୀମାନଙ୍କର ଭୂମିକାରେ ପରିବର୍ତ୍ତନ ଆସିଛି ।

(୨) ସେହିପରି ଉତ୍ପାଦନ କାର୍ଯ୍ୟ କ୍ଷେତ୍ରରେ ମଧ୍ୟ ସଂପର୍କରେ ପରିବର୍ତ୍ତନ ଆସିଛି । ସଂପର୍କ, ବର୍ତ୍ତମାନ ବୃତ୍ତିଗତ (Professional)ହୋଇଯାଇଛି - ବର୍ତ୍ତମାନ ଏହି ସମ୍ପର୍କ ଜ୍ଞାତିକୁଟୁମ୍ବ ଭିତ୍ତିକ ନ ହୋଇ ନିଯୁକ୍ତିଦାତା (employer) ଓ କର୍ମଚାରୀ ମଧ୍ୟକୁ ପରିବର୍ତ୍ତିତ ହୋଇଛି । ନିଯୁକ୍ତି କ୍ଷେତ୍ରରେ ଆନୁଗତ୍ୟ ତୁଳନାରେ ଦକ୍ଷତା, କାର୍ଯ୍ୟ ସାମର୍ଥ୍ୟ ଇତ୍ୟାଦି ମୁଖ୍ୟ ମାପକାଠି ହୋଇଛି ।

(୩) ଜାତିଭିତ୍ତିକ ଢାଞ୍ଚାରେ ପରିବର୍ତ୍ତନ ଆସିଛି । ଏହା ଦୁର୍ବଳ ହୋଇଛି (ବିଶେଷ କରି ସହରାଞ୍ଚଳରେ) ଓ ଭିନ୍ନ ଭିନ୍ନ ଜାତି ଓ ଧର୍ମର ଲୋକମାନେ ପରସ୍ପର ସହିତ ବିନା ଦ୍ୱିଧାରେ ମିଳିମିଶି କାର୍ଯ୍ୟ କରୁଛନ୍ତି । ଅନ୍ୟପକ୍ଷରେ, ରାଜନୈତିକ ସୁବିଧା ହାସଲ ପାଇଁ ଜାତିଭିତ୍ତିକ ସଂଗଠନ ସବୁ ଗଢ଼ି ଉଠୁଛି, ଯୌଥପରିବାର ବ୍ୟବସ୍ଥା ଲୋପ ପାଉଛି ।

(୪) ଏହା ସହିତ, ସହରୀକରଣ ଦ୍ୱାରା ମଧ୍ୟ ଅନ୍ୟାନ୍ୟ ପରିବର୍ତ୍ତନ ଆସିଛି - ସମାଜରେ ବ୍ୟକ୍ତିମାନଙ୍କ ମଧ୍ୟରେ ସଂପର୍କ-ସବୁ ଧୀରେଧୀରେ ଅବୟୋକ୍ତିକ ଓ ବୃତ୍ତିଗତ (Professional relation) ହୋଇଯାଉଛି । ଡାକ୍ତରଖାନା, ସ୍କୁଲ, ଏକକ କ୍ଷୁଦ୍ର ଘର ସ୍ଥାପନ ହେବା ଫଳରେ ପରିବାର ଉପରେ ନିର୍ଭରଶୀଳତା କମି ଯାଉଛି । ଏହାଦ୍ୱାରା ଗଣ ଯୋଗାଯୋଗ ଓ ପରିବହନ ବ୍ୟବସ୍ଥାରେ ପରିବର୍ତ୍ତନ ଆସିଛି । ଫଳରେ ଲୋକମାନେ ଦୂରଦୂରାନ୍ତକୁ କର୍ମସଂସ୍ଥାନ ହାସଲ କରିବା ପାଇଁ ଯାତ୍ରା କରି ପାରୁଛନ୍ତି ।

(୫) ଶେଷରେ ସରହରାଞ୍ଚଳକୁ ବହୁ ସଂଖ୍ୟାରେ ଦିନ ମଜୁରିଆ ଓ ସ୍ୱରୋଜଗାରକ୍ଷମ ଲୋକମାନେ ଆସି ଏକ ବୃହତ ଓ ଶକ୍ତିଶାଳୀ ମଧ୍ୟବିତ୍ତ ଶ୍ରେଣୀ ସୃଷ୍ଟି କରିଛନ୍ତି । ଏହି ଶ୍ରେଣୀ କେବଳ ଯେ



ଟୀପ୍‌ପଣୀ

ପ୍ରଚଳିତ ସାମାଜିକ ସଂପର୍କର ସଂରଚନାକୁ ପରିବର୍ତ୍ତନ କରିଛି ତାହା ନୁହେଁ, ବରଂ ଗଣତନ୍ତ୍ର, ମେଧାତନ୍ତ୍ର (meritocracy) ଓ ସମାନତା ଭଳି ଧାରଣାକୁ ସମର୍ଥନ କରି ରାଜନୈତିକ ମତ ବିନିମୟକୁ ସମୃଦ୍ଧ କରିଛି ।

## ୧୭.୯ ସବୁଜ ବିପ୍ଳବ (Green Revolution)

ୟୁରୋପ ତଥା ପାଶ୍ଚାତ୍ୟ ଜଗତର ଅନେକ ଅଞ୍ଚଳରେ ଉଦ୍‌ବୃତ୍ତ କୃଷି ଉତ୍ପାଦନ (agricultural surplus)ଶିଳ୍ପ ବିପ୍ଳବକୁ ସମ୍ଭବ କରାଇ ପାରିଥିଲା । କାରଣ ଏହାଦ୍ୱାରା ପୁଞ୍ଜି ଓ ଶ୍ରମ ସୁଲଭ ହୋଇ ପାରିଥିଲା । କିନ୍ତୁ ଭାରତୀୟ ପରିପ୍ରେକ୍ଷୀରେ ଔଦ୍ୟୋଗିକୀକରଣ କେବଳ ସରକାରୀ ଉଦ୍ୟମର ଫଳାଫଳ ଥିଲା । ଋଷିଆର ବିକାଶ ଢାଞ୍ଚା (Russian Model of Development)ରୁ ପ୍ରୋତ୍ସାହିତ ହୋଇ ଭାରତର ପଞ୍ଚବାର୍ଷିକ ଯୋଜନା ମାନ ବୃହତ୍ ଶିଳ୍ପପ୍ରକଳ୍ପମାନଙ୍କ ପାଇଁ ବ୍ୟାପକ ସମ୍ବଳ ଯୋଗାଇ ଦେଇଥିଲେ । କିନ୍ତୁ ଏହା ପୂର୍ବରୁ ଯେଉଁ କୃଷିଭିତ୍ତିକ ମୌଳିକ ଢାଞ୍ଚା ପ୍ରସ୍ତୁତ କରିବା କଥା, ତାହା ହୋଇ ନଥିଲା ।

ଜନସଂଖ୍ୟା ବୃଦ୍ଧି ସହିତ ଭାରତର କୋଟି କୋଟି ବୁଭୁକ୍ଷୁ ଜନସାଧାରଣଙ୍କର ଖାଦ୍ୟ ଆବଶ୍ୟକତା ମଧ୍ୟ ବଢ଼ିଥିଲା । ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ ଭାରତ ବିଦେଶରୁ ଖାଦ୍ୟ ପଦାର୍ଥ ଆମଦାନୀ କରିବାକୁ ବାଧ୍ୟ ହୋଇଥିଲା । ଏହି ପରିସ୍ଥିତି ଯୋଗୁଁ କୃଷି ଉତ୍ପାଦନ ବୃଦ୍ଧି ପାଇଁ ବିଶେଷ ଉଦ୍ୟମ କରାଯାଇଥିଲା ଓ ଶେଷରେ ଭାରତର ଖାଦ୍ୟ ସ୍ୱାବଲମ୍ବନଶୀଳତା (food self-sufficiency) ପାଇଁ ସବୁଜ ବିପ୍ଳବର ସାହାଯ୍ୟ ନିଆଯାଇଥିଲା ଯାହାକି କୃଷି କ୍ଷେତ୍ରରେ ଭାରତରେ, ଏକ ନାଟକୀୟ ପରିବର୍ତ୍ତନ ଆଣିଥିଲା ।

ଆମେ ବର୍ତ୍ତମାନ ସବୁଜ ବିପ୍ଳବର ଭାରତୀୟ ସମାଜ ଉପରେ ପ୍ରଭାବକୁ ବିଶ୍ଳେଷଣ କରିବା ଓ ଦେଖିବା ଏହାଦ୍ୱାରା ସାମାଜିକ ସଂପର୍କରେ କ'ଣ ସବୁ ପରିବର୍ତ୍ତନ ଆସିଛି ଓ କି ପ୍ରକାର ସାମାଜିକ ପରିବର୍ତ୍ତନ ଘଟିଛି ।

ଉଣେଇଶ ଷାଠିଏ ଦଶକର ଶେଷ ଭାଗରେ ଭାରତର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସବୁଜ ବିପ୍ଳବ ଆରମ୍ଭ ହୋଇଥିଲା । ଏହି ପର୍ଯ୍ୟାୟ ଗହମ ଉତ୍ପାଦନ ବୃଦ୍ଧି ଉପରେ ଧ୍ୟାନ କେନ୍ଦ୍ରିତ ହୋଇଥିଲା ଓ ବୈଷୟିକ କୌଶଳ ତଥା ପୁଞ୍ଜିର ମିଳିତ ବ୍ୟବହାର କରାଯାଇ କୃଷି ଉତ୍ପାଦନ ବଢ଼ାଇବାକୁ ଚେଷ୍ଟା କରାଯାଇଥିଲା । ଏଣୁ ଏଥିପାଇଁ ଚାଷଜମିର କିସମ ସହିତ – କୃଷି ଋଣ, ଆଧୁନିକ କୃଷି ଯନ୍ତ୍ରପାତି, ଉନ୍ନତ ଅମଳକ୍ଷମ ବିହନ, ଜଳସେଚନର ସୁବିଧା ଓ ସାର ଇତ୍ୟାଦି ଜରୁରୀ ହୋଇପଡ଼ିଥିଲା । ବଡ଼ ବଡ଼ କୃଷି ଫାର୍ମ, ଯେଉଁମାନେ କି ଯାନ୍ତ୍ରିକ ଉତ୍ପାଦନ ପାଇଁ ସକ୍ଷମ ଥିଲେ, ସେମାନଙ୍କୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଏହାର ପରିଣାମରେ ଆଶ୍ଚର୍ଯ୍ୟ ଜନକ ଫଳାଫଳ ମିଳିଥିଲା । କୃଷି ଫାର୍ମମାନଙ୍କର ଉତ୍ପାଦନ କଳ୍ପନାତୀତ ଭାବରେ ବୃଦ୍ଧି ପାଇ ଦେଶକୁ ଏକ କୃଷି ଉତ୍ପାଦନର ବଳକା ରାଷ୍ଟ୍ରର ମର୍ଯ୍ୟାଦା ଦେଇଥିଲା । ଯେଉଁ ଦେଶ ନିଜର ନାଗରିକମାନଙ୍କ ଖାଦ୍ୟ ଆବଶ୍ୟକତାକୁ ପୂରଣ କରିବା ପାଇଁ ବିଦେଶରୁ ଖାଦ୍ୟ ଶସ୍ୟ ଆମଦାନୀ କରୁଥିଲା, ସେହି ଦେଶ କୃଷି ଉତ୍ପାଦନରେ ବଳକା ରାଷ୍ଟ୍ରର ମର୍ଯ୍ୟାଦା ହାସଲ କରିପାରିଲା । ତେବେ କୃଷି ଉତ୍ପାଦନ ପୂର୍ବାପେକ୍ଷା ଅଧିକ ହେଲେ ସୁଦ୍ଧା, ଏହାର ପରିଣାମ ସମସ୍ତ ରାଜ୍ୟ ତଥା ସମାଜର ସବୁ ଶ୍ରେଣୀର ଲୋକଙ୍କ ପାଇଁ ସକାରାତ୍ମକ ନ ଥିଲା ।

(୧) କୃଷି ଉପଯୋଗୀ ବଡ଼ ବଡ଼ ଜମି ଓ ପୁଞ୍ଜି ଉପରେ ନିୟନ୍ତ୍ରଣ ରଖିଥିବା ନିର୍ଦ୍ଦିଷ୍ଟ କେତେକ ସମୂହ ଏହାର ଫାଇଦା ଉଠାଇ ପାରିଲେ ଓ ଏହାଦ୍ୱାରା ଔଦ୍ୟୋଗିକ ସମାଜ ବ୍ୟବସ୍ଥା ଭଳି "ନିଯୁକ୍ତିଦାତା" ଓ "କର୍ମଚାରୀ"ର ସାମାଜିକ ସଂପର୍କ ସୃଷ୍ଟି ହେଲା ।







(୨) ଯେହେତୁ "ଭୂ-ସଂସ୍କାର" କାର୍ଯ୍ୟକ୍ରମ ସବୁ ଦେଶର ବିଭିନ୍ନ ପ୍ରାନ୍ତରେ ସମାନ ଭାବରେ ଲାଗୁ କରାଯାଇ ନ ଥିଲା, ସବୁଜ ବିପ୍ଳବ କେବଳ ସେହିସବୁ ରାଜ୍ୟରେ ସୀମିତ ହୋଇଯାଇଥିଲା, ଯେଉଁଠି ଏହା ଆରମ୍ଭ ହୋଇଥିଲା । ଏହା ଫଳରେ ଓଡ଼ିଶା, ବିହାର ଏବଂ ଉତ୍ତରପ୍ରଦେଶ ଭଳି ରାଜ୍ୟମାନଙ୍କରୁ କୃଷକମାନଙ୍କର ବ୍ୟାପକ ସ୍ଥାନାନ୍ତରଣ ଆରମ୍ଭ ହୋଇ ହରିୟାଣା ଓ ପଞ୍ଜାବ ଭଳି ରାଜ୍ୟରେ ସଂପୂର୍ଣ୍ଣ ହେଉଥିଲା, ଯେଉଁ ରାଜ୍ୟମାନଙ୍କୁ ସବୁଜ ବିପ୍ଳବର ଏନ୍ତୁଡ଼ିଶାଳ ବୋଲି କୁହାଯାଉଥିଲା । ସାମାଜିକ ବିଧିବ୍ୟବସ୍ଥା ଦୃଷ୍ଟିକୋଣରୁ କୃଷକ ପରିବାରରେ କର୍ତ୍ତାମାନେ ବର୍ଷର ଅଧିକାଂଶ ସମୟ ପାଇଁ ପରିବାରରେ ଅନୁପସ୍ଥିତ ରହୁଥିଲେ । ଏହା ପରିବାର ସଂପର୍କକୁ ପ୍ରଭାବିତ କରୁଥିଲା ।

(୩) ଅନ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ପରିଣାମ ଥିଲା ବିଭିନ୍ନ ରାଜ୍ୟ ତଥା ଭୂମି ମାଲିକାନା ଥିବା ଲୋକ ଓ ଭୂମି-ହୀନଲୋକଙ୍କ ମଧ୍ୟରେ କ୍ରମବର୍ଦ୍ଧିଷ୍ଣୁ ବ୍ୟବଧାନ ଓ ଅସମାନତା । ପରିଶେଷରେ ମଧ୍ୟସ୍ତରୀୟ ଜାତିମାନେ (ଯେଉଁମାନେ କି ଭୂ-ସଂସ୍କାର ଯୋଗୁଁ ଜମିର ମାଲିକାନା ପାଇଥିଲେ), ଏହି ସବୁ ପରିବର୍ତ୍ତନ ଯୋଗୁଁ ବିଶେଷ ଲାଭବାନ ହୋଇଥିଲେ ଓ ଭାରତୀୟ ରାଜନୀତିରେ ଏକ ପ୍ରଭୁତ୍ୱ ସଂପନ୍ନ ଶକ୍ତିଭାବରେ ଉଭା ହୋଇଥିଲେ ।

## ପାଠ୍ୟଗତ ପ୍ରଶ୍ନାବଳୀ ୧୭.୫

୧. ନିମ୍ନୋକ୍ତ ପ୍ରତି ବକ୍ତବ୍ୟ ପାଇଁ ସତ୍ୟ / ମିଥ୍ୟା ଲେଖନ୍ତୁ ।

(କ) ବୁର୍ଜୁଆମାନେ ଉତ୍ପାଦନର ମାଧ୍ୟମର ମାଲିକ ଥିଲେ ।

(ଖ) ଶିଳ୍ପ ବିପ୍ଳବ ଫଳରେ ଉତ୍ପାଦନ ସମ୍ପର୍କ ମାନ ଅଧିକ ଅବୟୋକ୍ତିକ (impersonal) ହୋଇଗଲେ ।

(ଗ) ଶିଳ୍ପ ବିପ୍ଳବ ଫଳରେ ସହରମାନଙ୍କରେ ଏକ ଶକ୍ତିଶାଳୀ ମଧ୍ୟବିତ୍ତ ଶ୍ରେଣୀର ଆବିର୍ଭାବ ହୋଇଥିଲା ।

(ଘ) ସବୁଜ ବିପ୍ଳବ ପ୍ରଥମେ ବିହାର ଓ ଓଡ଼ିଶା ରାଜ୍ୟରେ ଆରମ୍ଭ ହୋଇଥିଲା ।


## ୧୭.୧୦ ସାମାଜିକ ପରିବର୍ତ୍ତନର "ଶିକ୍ଷା" କାରକ (Education as factor of social change)

ସାମାଜିକ ପରିବର୍ତ୍ତନରେ ଶିକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏକ ପକ୍ଷରେ ଏହା ପରମ୍ପରା, ସଂସ୍କୃତି, ଜ୍ଞାନକୌଶଳ, ଦକ୍ଷତା ସବୁକୁ ଏକ ପିଢ଼ୀରୁ ଅନ୍ୟ ପିଢ଼ୀକୁ ହସ୍ତାନ୍ତରଣ କରିବାରେ ସାହାଯ୍ୟ କଲାବେଳେ, ଅନ୍ୟ ପକ୍ଷରେ ଏହା ସାମାଜିକ ପରିବର୍ତ୍ତନର ଏକ କାରକ ଭାବରେ କାର୍ଯ୍ୟ କରି ଥାଏ । ନୂତନ ବିଚାରଧାରା ଓ ନୂତନ ମୂଲ୍ୟବୋଧ ସବୁ ଏହା ମାଧ୍ୟମରେ ଆରମ୍ଭ ହୋଇଥାଏ ଓ ଏହି ସବୁ ଯୁବସମାଜର ଲକ୍ଷ୍ୟ ଭାବରେ ପରିଗଣିତ ହୋଇଥାଆନ୍ତି ।

ଜଣେ ସମାଜ ବିଜ୍ଞାନୀଙ୍କ ମତରେ ଶିକ୍ଷା ହେଉଛି 'ବୟସ୍କଜୀବନ ପାଇଁ ପ୍ରସ୍ତୁତ ହୋଇନଥିବା ପିଢ଼ୀ ଉପରେ ବୟସ୍କ ପିଢ଼ୀର ପ୍ରଭାବ' । "ଏହାର ଉଦ୍ଦେଶ୍ୟ ହେଉଛି ବାଳକ, ବାଳିକାମାନଙ୍କ ଉପରେ ସେହିସବୁ ଶାରୀରିକ, ବୌଦ୍ଧିକ ଓ ନୈତିକ ଜାଗୃତିର ବିକାଶ କରିବା, ଯାହାସବୁକୁ ସମାଜ ଓ ସେମାନଙ୍କର ସାମାଜିକ ପରିବେଶ ସେମାନଙ୍କଠାରୁ ଆଶା କରନ୍ତି ।'' ଏହି ପ୍ରକାର 'ଶିକ୍ଷା' ଦ୍ୱାରା ସମାଜର ଦୁଇଟି ଲକ୍ଷ୍ୟ ସାଧିତ ହୁଏ ।

(୧) ସମାଜର ଆବଶ୍ୟକତା ଭିତ୍ତିରେ ବ୍ୟକ୍ତିର ବିକାଶ, ସାମାଜିକୀକରଣ ଓ ତାଲିମ ।

(୨) ସମାଜର ମାନବ ସମ୍ବଳ ଭିତ୍ତିକ ଆବଶ୍ୟକତାର ପରିପୂରଣ, ଯାହାକି ଆଧୁନିକ ଅର୍ଥ ବ୍ୟବସ୍ଥାରେ ଆବଶ୍ୟକ ହେଉଥିବା ଉଦ୍ୟୋଗ ଶିଳ୍ପ ଦକ୍ଷତା ଓ ପ୍ରଯୁକ୍ତି ବିଦ୍ୟା ଅନୁରୂପ ହୋଇଥାଏ ।



ଟୀପ୍‌ପଣୀ

### ଔପଚାରିକ ଓ ଅନୌପଚାରିକ ଶିକ୍ଷା

ସାମାଜିକ ପରିବର୍ତ୍ତନର ଏକ କାରକ ଭାବରେ ଶିକ୍ଷା ସମ୍ପର୍କୀୟ ଆଲୋଚନା ଆରମ୍ଭ କରିବା ପୂର୍ବରୁ, ଶିକ୍ଷା ବ୍ୟବସ୍ଥାର ଦୁଇ ମୁଖ୍ୟ ସ୍ୱରୂପକୁ ବୁଝିବା ଗୁରୁତ୍ୱପୂର୍ଣ୍ଣ ।

ଯେଉଁ ଶିକ୍ଷା ଉତ୍ତମ ଭାବେ ପରିଭାଷିତ ଏକ ଆନୁଷ୍ଠାନିକ ବ୍ୟବସ୍ଥା ମଧ୍ୟରେ ପ୍ରଦାନ କରାଯାଏ, ତାହା ଔପଚାରିକ ଶିକ୍ଷା ଓ ଯେଉଁ ଶିକ୍ଷା, ସାମଜ ଓ ପରିବାର ମାଧ୍ୟମରେ, ନିଜର ଦୈନନ୍ଦିନ କାର୍ଯ୍ୟକଳାପ ଓ ଆନ୍ତଃକ୍ରିୟା ଦ୍ୱାରା ବ୍ୟକ୍ତି ପ୍ରାପ୍ତ କରେ ତାହା ହେଲା ଅନୌପଚାରିକ ଶିକ୍ଷା ।

ଅନୌପଚାରିକ ଶିକ୍ଷା ସେହିସବୁ ସମାଜରେ ପ୍ରମୁଖ ସ୍ଥାନ ପାଇଥାଏ, ଯେଉଁ ସମାଜରେ ଉପଯୁକ୍ତ ସ୍କୁଲ ଶିକ୍ଷାଦାନ ବ୍ୟବସ୍ଥାର ଅଭାବ ଥାଏ ବା ବିକଶିତ ହୋଇନ ଥାଏ । ଜନଜାତି ଓ କୃଷିଭିତ୍ତିକ ସମାଜରେ ଏହା ସ୍ପଷ୍ଟ ପ୍ରତିଭାତ ହୋଇଥାଏ । ଏହି ସବୁ ସାମଜରେ ପିଲାମାନେ ସେମାନଙ୍କର ଜ୍ଞାତିମାନଙ୍କ ସହିତ ଆନ୍ତଃ କ୍ରିୟା କରି ଓ ପର୍ଯ୍ୟବେକ୍ଷଣ ମାଧ୍ୟମରେ ଭାଷା, ପାରମ୍ପରିକ ରୀତିନୀତି, ଲୋକରୀତି, ଲୋକକଥା ସଂଗୀତ ଓ ପଶୁପାଳନ ଓ କୃଷି ଇତ୍ୟାଦି ଶିକ୍ଷା କରିଥାଆନ୍ତି ।

ଉନ୍ନତ ଓ ବିକଶିତ ସମାଜରେ ମଧ ପିଲାମାନେ ଔପଚାରିକ ଶିକ୍ଷା ସହିତ ଅନୌପଚାରିକ ଶିକ୍ଷା ଗ୍ରହଣ କରିଥାଆନ୍ତି । ଉଦାହରଣ ସ୍ୱରୂପ, ଆଚାର, ବ୍ୟବହାର, ଶିଷ୍ଟାଚାର ଓ ସାମାଜିକ କୌଶଳ ତଥା ଦକ୍ଷତା ଇତ୍ୟାଦିକୁ ପରିବାରର ସଦସ୍ୟମାନଙ୍କର ବ୍ୟବହାରକୁ ନିରୀକ୍ଷଣ କରି ଶିକ୍ଷା କରାଯାଏ ।

ଔପଚାରିକ ଶିକ୍ଷା, ଯାହାକି 'ଆଧୁନିକ ଶିକ୍ଷା' ଭାବେ ଆଜିକାଲି ଲୋକପ୍ରିୟ, ତା'ର ଲକ୍ଷଣମାନ ହେଲା-

(୧) ନିୟମିତ ଓ ସ୍ୱୀକୃତି ପ୍ରାପ୍ତ ସ୍କୁଲ;

(୨) ନିର୍ଦ୍ଦିଷ୍ଟ ଓ ଉପଯୁକ୍ତ ଭାବେ ଉଦ୍‌ଘୋଷିତ ବିଷୟବସ୍ତୁ; ଏବଂ

(୩) ନିର୍ଦ୍ଦିଷ୍ଟ ଓ ନିଶ୍ଚିତ ନୀତି-ନିୟମାବଳୀ

ବର୍ତ୍ତମାନ ଆମେ ସାମାଜିକ ପରିବର୍ତ୍ତନରେ ଶିକ୍ଷାର ଭୂମିକାକୁ ଅଧ୍ୟୟନ କରୁଛୁ । ସାମାଜିକ ଜୀବନର ବିଭିନ୍ନ ଦିଗ ଉପରେ ଶିକ୍ଷାର ପ୍ରଭାବକୁ ନିମ୍ନୋକ୍ତ ମତେ ଅଧ୍ୟୟନ କରିପାରିବା ।

(୧) ସାମାଜିକୀକରଣ ଓ ସାମାଜିକ ନିୟନ୍ତ୍ରଣ ।


(୨) ମାନବ ସମ୍ବଳର ବିକାଶ ଓ ସ୍ତରୀକରଣ; ଏବଂ

(୩) ରାଜନୈତିକ ଶିକ୍ଷା ।

## ୧୭.୧୦ ସାମାଜିକୀକରଣ ଓ ସାମାଜିକ ନିୟନ୍ତ୍ରଣ(Socialization and Social control)

ପ୍ରତ୍ୟେକ ସମାଜର ଏକ ନିଜସ୍ୱ ଇତିହାସ, ଐତିହ୍ୟ ଓ ସଂସ୍କୃତି ଥାଏ, ଯାହାକୁ ସେହି ସମାଜ ସଂରକ୍ଷିତ କରି ରଖିବାକୁ ଚାହେଁ । ଉକ୍ରର୍ଷ ହାସଲ କରିବା ପାଇଁ ସମାଜ ନିଜର ଲକ୍ଷ୍ୟ ଧାର୍ଯ୍ୟ କରିଥାଏ । ସ୍କୁଲର ପାଠ୍ୟକ୍ରମ ମାଧ୍ୟମରେ ସମାଜ ଏହି ଦୁଇ ଲକ୍ଷ୍ୟ ହାସଲ କରିବା ପାଇଁ ଚେଷ୍ଟା କରିଥାଏ । ପ୍ରଚଳିତ ମୂଲ୍ୟବୋଧ ବ୍ୟବସ୍ଥା ଅନୁସାରେ ସ୍କୁଲ, ପିଲାମାନଙ୍କୁ ଶିକ୍ଷାଦାନ କରିଥାଏ ଓ ପରିବର୍ତ୍ତିତ ପରିସ୍ଥିତି ଅନୁସାରେ ନିଜକୁ ଖାପ ଖୁଆଇ ଚଳିବାର ଶିକ୍ଷା ମଧ ଦେଇଥାଏ । ତେଣୁ ଏଠାରେ ଏକ ପକ୍ଷରେ ପିଲାମାନେ ନିଜ ଇତିହାସ, ସଂସ୍କୃତି ଓ ଦର୍ଶନ ବିଷୟରେ ଶିଖନ୍ତି ଓ ଅନ୍ୟ ପକ୍ଷରେ ସେମାନେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ହେଉଥିବା ନୂତନ ପରିବର୍ତ୍ତନ ସଂପର୍କରେ ସଚେତନ ହୁଅନ୍ତି । ନୂଆ ନୂଆ କାର୍ଯ୍ୟ କୌଶଳ ଯେପରିକି କମ୍ପ୍ୟୁଟର ଶିକ୍ଷା ପାଆନ୍ତି ।

ସାମାଜିକୀକରଣ ମାଧ୍ୟମରେ ସମାଜ ନିଜର ସଦସ୍ୟମାନଙ୍କୁ, ନିଜର ପ୍ରଚଳିତ ଢାଞ୍ଚା ଅନୁସାରେ ଗଢ଼ିବାକୁ ଚେଷ୍ଟା କରିଥାଏ ଓ ଏହି କାର୍ଯ୍ୟରେ ଆଧୁନିକ ଶିକ୍ଷା ସମ୍ବନ୍ଧିତ ବିଷୟ, ଯେପରିକି ଆଇନ୍, ମାନବାଧିକାର







ଓ ଗଣତନ୍ତ୍ର ଇତ୍ୟାଦି ଉପରେ ଗୁରୁତ୍ୱ ଦେଇଥାଏ ଏବଂ ଛାତ୍ରମାନଙ୍କ ମନରେ ଏହିସବୁ ବିଷୟ ସଂପର୍କୀତ ଏକ ବିଶ୍ୱଦୃଷ୍ଟିକୋଣ ସୃଷ୍ଟି କରିଥାଏ । ସ୍କୁଲ ପାଠ୍ୟକ୍ରମ ମାଧମରେ (ସାମାଜିକୀକରଣ) ବିଶ୍ୱ ସମସ୍ୟାମାନଙ୍କ ଉପରେ ପିଲାମାନଙ୍କୁ ସଚେତନ କରାଇଥାଏ (ଉଦାହରଣ ସ୍ୱରୂପ ଯୁଦ୍ଧ, ଦାରିଦ୍ର୍ୟ, ଏଡ଼ସ୍, ବେକାରୀ ଇତ୍ୟାଦି) ।

ଆଧୁନିକ ଶିକ୍ଷା ପରିବର୍ତ୍ତନର ସପକ୍ଷବାଦୀ ହୋଇ ଥିବାରୁ ସ୍କୁଲର ପାଠ୍ୟଖସଡ଼ା ଓ କଲେଜର ପାଠ୍ୟ ଖସଡ଼ାରେ ସମୟରେ ଆବଶ୍ୟକତା ଅନୁସାରେ ନିୟମିତ ସମୟାବଧିର ସମୀକ୍ଷା କରାଯାଇ, ପରିବର୍ତ୍ତନ କରାଯାଇଥାଏ ।

## ୧୭.୧୧ ମାନବ ସମ୍ବଳର ବିକାଶ(Development of Human Resources)

ମାନବ ସମ୍ବଳ ବିକାଶ କ୍ଷେତ୍ରରେ ଶିକ୍ଷା ହେଉଛି ଏକ ଭିତ୍ତିପ୍ରସ୍ତର । ଏହା, ସମାଜ ଦ୍ୱାରା ଆବଶ୍ୟକ କରାଯାଉଥିବା ଜ୍ଞାନ ଓ ଦକ୍ଷତା ଇତ୍ୟାଦିକୁ ନେଇ ବ୍ୟକ୍ତିମାନଙ୍କୁ ଶିକ୍ଷା ଦେଇଥାଏ । ଏହି ଶିକ୍ଷାଲାଭ କରି ବ୍ୟକ୍ତି ସମାଜରେ ଅତିଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ।

ସରଳ ସମାଜମାନଙ୍କରେ ଉତ୍ପାଦନର ମୌଳିକ ଏକକ ପରିବାର ଥିଲା । ପାରିବାରିକ ବୃତ୍ତି ସଂପର୍କୀୟ ଦକ୍ଷତା ସବୁକୁ ବ୍ୟକ୍ତିମାନେ ପରିବାରରୁ ହିଁ ଶିଖୁଥିଲେ । ଏହି ସବୁ କାରୀଗରୀ କୌଶଳ ଥିଲା – ବଢ଼େଇ କାମ, ସୂକ୍ଷ୍ମକଳା କୌଶଳ, ଗହଣା ତିଆରି, କୃଷି ଓ ଅନୁରୂପ କାର୍ଯ୍ୟକଳାପ ପାଇଁ ଧାତବ ଯନ୍ତ୍ରପାତି କାର୍ଯ୍ୟ ଇତ୍ୟାଦି । ତେବେ ସମାଜର ବିବିଧତା ଓ ଜଟିଳତା ବଢ଼ିବା ସଙ୍ଗେ ସଙ୍ଗେ ଅନେକ ବୃତ୍ତି ସୃଷ୍ଟି ହୋଇଥିଲା, ଯେଉଁଥିପାଇଁ ସ୍ୱତନ୍ତ୍ର ଦକ୍ଷତା ଆବଶ୍ୟକ ପଡୁଥିଲା । ଏହି ସବୁ ଆବଶ୍ୟକତା ପୂରଣ କରିବା ପାଇଁ ପରିବାର ଅସମର୍ଥ ଥିଲା । ତେଣୁ ସମାଜ ନିଜର ଶିକ୍ଷା ବ୍ୟବସ୍ଥା ମାଧମରେ ଏହି ସବୁ କ୍ରମ ବର୍ଦ୍ଧିଷ୍ଣୁ ଆବଶ୍ୟକତାକୁ ପୂରଣ କରୁଥିଲା ।

ସଂପ୍ରତି ଆଧୁନିକ ଶିକ୍ଷାନୁଷ୍ଠାନମାନଙ୍କରେ ସ୍ୱତନ୍ତ୍ର ବିଷୟମାନଙ୍କର ଏକ ବିଶାଳ ଶ୍ରେଣୀ, ଯଥା– ଭେଷଜ ବିଦ୍ୟା (medicine), ଜନସ୍ୱାସ୍ଥ୍ୟ (public health) ଇଞ୍ଜିନିୟରିଂ, ମ୍ୟାନେଜମେଣ୍ଟ, ଆଇନ୍, ଫୋରେନ୍‌ସିକ ବିଜ୍ଞାନ ତଥା ଭୌତିକ, ଜୈବିକ, କୃଷି ଓ ସାମାଜିକ ବିଜ୍ଞାନ ଇତ୍ୟାଦି ପଢ଼ାଯାଉଛି । ତେଣୁ ବ୍ୟକ୍ତିର ଦକ୍ଷତା ଅନୁଯାୟୀ ଶିକ୍ଷା ସମାଜରେ ତା'ର ସ୍ଥିତି ପ୍ରଦାନରେ ସହାୟକ ହେଉଛି । ଏହି ଶିକ୍ଷା ବ୍ୟବସ୍ଥା ଦ୍ୱାରା ବ୍ୟକ୍ତି ତାର ଅନ୍ତର୍ନିହିତ ଶକ୍ତିକୁ ବୁଝିପାରୁଛି ଓ ତାର କୌଳିକ ପାରମ୍ପରିକ ବୃତ୍ତିରେ ବାଧ ହୋଇ ବନ୍ଧା ନ ରହି ନୂଆ ନୂଆ ଜୀବିକା ନିର୍ଦ୍ଧାରଣର ପନ୍ଥା ବାହାର କରୁଛି । ଆଧୁନିକ ଶିକ୍ଷା ବ୍ୟବସ୍ଥା ସମାଜରେ ମେଧାକୁ ଗୁରୁତ୍ୱ ଦେଇଥିବାରୁ ଯୋଗ୍ୟ ବ୍ୟକ୍ତିମାନେ ସମାଜର ମହତ୍ତ୍ୱପୂର୍ଣ୍ଣ ପଦପଦବୀରେ ଅଧିଷ୍ଠିତ ହୋଇପାରୁଛନ୍ତି ।

ପୃଥକୀକୃତ ସ୍ୱତନ୍ତ୍ର ଶିକ୍ଷା ତଥା ପରିବହନ ଓ ପ୍ରଯୁକ୍ତି କ୍ଷେତ୍ରରେ ହୋଇଥିବା ନାଟକୀୟ ଘଟଣାକ୍ରମ ବ୍ୟକ୍ତିମାନଙ୍କୁ ସେମାନଙ୍କର ଭୌଗୋଳିକ ସଂଚାଳନ (Geographical Mobility)ରେ ସାହାଯ୍ୟ କରୁଛି ଯାହା ଫଳରେ ସେମାନେ ସେମାନଙ୍କର କାର୍ଯ୍ୟ କୌଶଳ ଓ ଦକ୍ଷତାର ପୁନଃପୁନଃ ଅଭ୍ୟାସ (Practice) କରିବା ପାଇଁ ବିଭିନ୍ନ ସ୍ଥାନକୁ ଯାଇ ପାରୁଛନ୍ତି । ଭାରତରୁ ପ୍ରତିବର୍ଷ, ଏକ ବଡ଼ ସଂଖ୍ୟାରେ ସଫ୍ଟୱେୟାର ଇଞ୍ଜିନିୟରମାନଙ୍କର ପାଶ୍ଚାତ୍ୟ ଦେଶମାନଙ୍କୁ ଯାତ୍ରା ହେଉଛି ଆଧୁନିକ ଶିକ୍ଷାର ନୂଆ ନୂଆ ସୁଯୋଗ ପ୍ରଦାନର ଓ ମାର୍ଗ ଉନ୍ମୋଚନର ଏକ ଜ୍ୱଳନ୍ତ ଉଦାହରଣ ।

ତେବେ ଏଠାରେ ଆମକୁ ନିଶ୍ଚିତ ଭାବେ ମନେ ରଖିବାକୁ ହେବ ଯେ ଯଦ୍ୟପି ଆଧୁନିକ ଶିକ୍ଷା ଓ ବୃତ୍ତିଗତ ସଂଚାଳନ(Professional Mobility)ବ୍ୟକ୍ତିମାନଙ୍କର ସାମାଜିକ ଓ ଆର୍ଥିକ ସ୍ଥିତିରେ ଉନ୍ନତି ଆଣି ସଫଳତା ହାସଲ କରିବାର ନୂଆ ନୂଆ ରାସ୍ତା ଦେଖାଇଛି, ଏହା ସହିତ ଏହି ତଥ୍ୟକୁ ମଧ ସ୍ୱୀକାର କରିବାକୁ ପଡ଼ିବ ଯେ ସମାଜରେ ଶିକ୍ଷିତ ଓ ଅଶିକ୍ଷିତ ବର୍ଗ ମଧରେ ସାମାଜିକ ଅସମାନତା ନାଟକୀୟ



ଟୀପ୍‌ପଣୀ

ଭାବେ ବୃଦ୍ଧି ପାଇଛି । ଏହା ସଙ୍ଗେ ସଙ୍ଗେ ସାଧାରଣ ଭାବରେ ଏହା ଦେଖାଯାଉଛି ଯେ ଏକ ପରିବାରର ବିଭିନ୍ନ ବ୍ୟକ୍ତି ଭିନ୍ନ ଭିନ୍ନ ବୃତ୍ତି ଗ୍ରହଣ କରି ଭିନ୍ନ ସମାଜିକ ସ୍ଥିତି ହାସଲ କରୁଛନ୍ତି ।

ଶିକ୍ଷା ମଧ୍ୟ ରାଜନୈତିକ ସଚେତନତା ସୃଷ୍ଟି କରେ । ଶିକ୍ଷା ମାଧ୍ୟମରେ ଏକତା ଓ ସମଭାବନା ଉଦ୍ରେକ କରାଇବା ପାଇଁ ସରକାର ନିଜର ରାଷ୍ଟ୍ରୀୟ ଲକ୍ଷ୍ୟ ସବୁକୁ ନାଗରିକମାନଙ୍କ ପାଖରେ ପହଞ୍ଚାଇଥାଆନ୍ତି । ଆଧୁନିକ ଶିକ୍ଷା ବ୍ୟବସ୍ଥା ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଅଦ୍ୱିତୀୟ ଇତିହାସ ଓ ସଂସ୍କୃତି ବିଷୟରେ ପରିଚିତ କରାଇବା ସଙ୍ଗେ ସଙ୍ଗେ ଗଣତନ୍ତ୍ର, ସ୍ୱାତନ୍ତ୍ର୍ୟ ଓ ସମାନତା ଭଳି ଆଦର୍ଶମାନଙ୍କୁ ଲୋକପ୍ରିୟ କରାଇବାକୁ ଚେଷ୍ଟା କରିଥାଏ । ବର୍ତ୍ତମାନ ସ୍କୁଲ ପାଠ୍ୟକ୍ରମରେ ହେଉଥିବା ପରିବର୍ତ୍ତନକୁ ନେଇ ବିତର୍କ ସବୁ ରାଜନୈତିକ ଆଦର୍ଶବାଦକୁ ରୂପରେଖ ଦେବାରେ ଶିକ୍ଷାର ଭୂମିକାକୁ ରେଖାଙ୍କିତ କରିଥାଏ ।

ସବୁ ସମାଜରେ ସାମାଜିକ ପରିବର୍ତ୍ତନ ହେଉଛି ଏକ ନିରନ୍ତର ଓ ଶେଷ ହେଉନଥିବା ପ୍ରକ୍ରିୟା । ପାରମ୍ପରିକ ଓ ଆଧୁନିକ ଉଭୟ ସମାଜ ପରିବର୍ତ୍ତିତ ହେଉଛନ୍ତି । ଏହି ପରିବର୍ତ୍ତନ ସବୁ ଧୀରେ ଧୀରେ ହେଉଛି । ଏହା ସତ୍ତ୍ୱେ ବେଳେବେଳେ କେତେକ ଘଟଣା ସମାଜରେ ନାଟକୀୟ ଓ ତ୍ୱରିତ୍ ପରିବର୍ତ୍ତନ ଆଣୁଛନ୍ତି ।

> ମାନବ ଇତିହାସରେ ଏପରି କେତେକ ମୁହୂର୍ତ୍ତ ରହିଛି, ଯେଉଁଥିରେ ଗାନ୍ଧିଜୀ ଓ ଲେନିନ୍‌ଙ୍କ ଭଳି ବ୍ୟକ୍ତି ସମଗ୍ର ରାଷ୍ଟ୍ର ତଥା ସମାଜର ଭବିଷ୍ୟତ ଧାରାକୁ ବଦଳାଇ ଦେଇଛନ୍ତି ।

## ପାଠ୍ୟଗତ ପ୍ରଶ୍ନାବଳୀ ୧୭.୬

ଏକ/ଦୁଇ ବାକ୍ୟରେ ଉତ୍ତର ଦିଅ

(କ) ଶିକ୍ଷାର ସଂଜ୍ଞା ପ୍ରଦାନ କରେ ।

(ଖ) ଔପଚାରିକ ଶିକ୍ଷାର ଲକ୍ଷଣମାନ କ'ଣ ?

(ଗ) ସ୍କୁଲ ପାଠ୍ୟକ୍ରମ ଦ୍ୱାରା ପିଲାମାନଙ୍କର ସାମାଜିକୀ କରଣ କିପରି ହୋଇଥାଏ ?

## କ'ଣ ଶିଖିଲେ

- ସାମାଜିକ ପରିବର୍ତ୍ତନ ସବୁ ସମୟରେ ଓ ସମସ୍ତ ସମାଜରେ ଏକ ସ୍ଥାୟୀ ଲକ୍ଷଣ ଅଟେ । ଏହା ଧୀର ମନ୍ଥର ଗତି ବା ନାଟକୀୟ ତଥା ଦ୍ରୁତ ଗତିରେ ହୋଇପାରେ ।
- ପ୍ରଯୁକ୍ତିଗତ ବିକାଶ, ଜନସଂଖ୍ୟାର ପରିବର୍ତ୍ତନ, ସାଂସ୍କୃତିକ ବିକିରଣ ଏବଂ ଶିକ୍ଷା ଇତ୍ୟାଦି ବିବିଧ କାରକ ମାନେ ସମାଜର ସଂରଚନାକୁ ଓଲଟ ପାଲଟ କରି ସାମାଜିକ ପରିବର୍ତ୍ତନ ଆଣନ୍ତି । ଏହିସବୁ କାରକ ମିଳିତ ଭାବେ କାର୍ଯ୍ୟ କରିବା ପଳରେ ସାମାଜିକ ପରିବର୍ତ୍ତନ ସବୁ ଧାରାବାହିକ ଭାବରେ ଅଥବା ସମାନ୍ତର ଭାବରେ ସୃଷ୍ଟି ହୋଇଥାଆନ୍ତି ।
- ଜନସଂଖ୍ୟା ଆକାର ଓ ଗଠନରେ ପରିବର୍ତ୍ତନ ହେଲେ, ଆମର ସାମାଜିକ ସଂପର୍କ ଉପରେ ତାହାର ସୁଦୂରପ୍ରସାରୀ ପ୍ରଭାବ ପଡ଼ିଥାଏ । ଏହା ବର୍ତ୍ତମାନ ହେଉଥିବା ପରିବର୍ତ୍ତନର ମୁଖ୍ୟ କାରଣ ଅଟେ ।
- ପ୍ରଯୁକ୍ତି ବିଦ୍ୟା ଆମର ପରିବେଶରେ ପରିବର୍ତ୍ତନ ଆଣି, ଆମର ସମାଜକୁ ପରିବର୍ତ୍ତିତ କରେ । ଯାହା ସହିତ ଆମେମାନେ ନିଜକୁ ଖାପ ଖୁଆଇ ନେଇଥାଉ । ଏହି ପରିବର୍ତ୍ତନ ସବୁ ସାଧାରଣତଃ ଆମର ଭୌତିକ ପରିବେଶରେ ହୋଇଥାଏ ଓ ସେହି ପରିବର୍ତ୍ତନ ସହିତ ଆମମାନଙ୍କର ସମଯୋଜନ (adjustment) ପ୍ରାୟତଃ ଆମର ସଂସ୍କୃତି ଓ ସାମାଜିକ ଅନୁଷ୍ଠାନମାନଙ୍କରେ ପରିବର୍ତ୍ତନ ଆଣିଥାଏ ।
- ସାମାଜିକ ବ୍ୟବସ୍ଥାମାନେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଆମର ସାଂସ୍କୃତିକ ମୂଲ୍ୟବୋଧ ଦ୍ୱାରା ସୃଷ୍ଟି ହୋଇଥାଆନ୍ତି । ସାମାଜିକ ସମୂହମାନଙ୍କର ମୂଲ୍ୟବୋଧ ଓ ବିଶ୍ୱାସ ବ୍ୟବସ୍ଥାରେ ଯେ କୌଣସି ପରିବର୍ତ୍ତନ, ଏହାର ସାମାଜିକ ଅନୁଷ୍ଠାନମାନଙ୍କୁ ପ୍ରଭାବିତ କରିଥାଆନ୍ତି । ନୂଆ ନୂଆ ସାମାଜିକ ମୂଲ୍ୟବୋଧ ଓ ବିଶ୍ୱାସ ମଧ୍ୟ ସାମାଜିକ ପରିବର୍ତ୍ତନ ସୃଷ୍ଟି କରିପାରେ ।







- ଆଇନ୍, ଜନମତ ଓ ନିର୍ବାଚନ ପ୍ରକ୍ରିୟା ମଧ୍ୟ ସାମାଜିକ ପରିବର୍ତ୍ତନର ମାଧ୍ୟମ ଭାବରେ କାର୍ଯ୍ୟ କରନ୍ତି ।
- ଉତ୍ପାଦନ ବ୍ୟବସ୍ଥାର ସଂଗଠନରେ ପରିବର୍ତ୍ତନ ଉତ୍ପାଦନ ସଂପର୍କକୁ ପ୍ରଭାବିତ କରି ସାମାଜିକ ପରିବର୍ତ୍ତନ ଆଣିଥାଏ । ଜାତି ବ୍ୟବସ୍ଥାକୁ ଦୁର୍ବଳ କରିବାରେ ଓ ସମାଜରେ ନାରୀମାନଙ୍କର ଭୂମିକାକୁ ପରିବର୍ତ୍ତନ କରିବାରେ ଔଦ୍ୟୋଗିକିକରଣର ଏକ ପ୍ରମୁଖ ଭୂମିକା ରହିଛି । ସେହିପରି, କେତେକ ରାଜ୍ୟ ଓ ଜାତିକୁ ଅନ୍ୟମାନଙ୍କ ତୁଳନାରେ ସମୃଦ୍ଧ କରି ସବୁଜ ବିପ୍ଳବ ମଧ୍ୟ ସାମାଜିକ ପରିବର୍ତ୍ତନରେ ଅବଦାନ ଦେଇଛି ।
- ମାନବ ସମ୍ବଳର ବିକାଶ, ସ୍ତରୀକରଣ ଓ ରାଜନୈତିକ ଶିକ୍ଷା ମାଧ୍ୟମରେ ସମାଜର ଶିକ୍ଷା ବ୍ୟବସ୍ଥା ମଧ୍ୟ ସାମାଜିକ ପରିବର୍ତ୍ତନର ଏକ ପ୍ରମୁଖ କାରକ ଭାବରେ କାର୍ଯ୍ୟ କରିଥାଏ । ଏହାଦ୍ୱାରା ଆରମ୍ଭ କରାଯାଇଥିବା ନୂଆ ଚିନ୍ତାଧାରା ଓ ମୂଲ୍ୟବୋଧ ଯୁବପିଢ଼ୀର ଲକ୍ଷ୍ୟ ହୋଇଥାଆନ୍ତି ଓ ଯୁବପିଢ଼ୀ ସେହି ସବୁ ଲକ୍ଷ୍ୟ ହାସଲ କରିବାକୁ ଚେଷ୍ଟା କରିଥାଆନ୍ତି । ଏହା ଯୁବମାନସରେ ଅନୁସନ୍ଧିତ୍ସାର ଏକ ଭାବନା ସୃଷ୍ଟି କରିଥାଏ ଯାହା ପରବର୍ତ୍ତୀ ସମୟରେ ବ୍ୟାପକ ସାମାଜିକ ପରିବର୍ତ୍ତନ ଆଣିଥାଏ ।

## ପାଠ୍ୟଗତ ପ୍ରଶ୍ନାବଳୀ

୧. ସାମାଜିକ ପରିବର୍ତ୍ତନ ଉପରେ ଜନବିବରଣର ପ୍ରଭାବ ସମ୍ପର୍କରେ ଆଲୋଚନା କର ।

୨. ଔଦ୍ୟୋଗୀକ ସମାଜ, ସରଳ ସମାଜଠାରୁ କିପରି ଭିନ୍ନ ?

୩. ସାମାଜିକ ପରିବର୍ତ୍ତନର ମାଧ୍ୟମ ଭାବରେ ବିକିରଣର ଭୂମିକା ଆଲୋଚନା କର ।

୪. ସାମାଜିକ ପରିବର୍ତ୍ତନରେ ନିର୍ବାଚନର ଗୁରୁତ୍ୱ ପ୍ରତିପାଦିତ କର ।

୫. ଔଦ୍ୟୋଗିକିକରଣର ସାମାଜିକ-ଅର୍ଥନୈତିକ ଫଳାଫଳ ବିଷୟରେ ଆଲୋଚନା କର ।

୬. ସବୁଜ ବିପ୍ଳବ ଭାରତରେ କିପରି ପରିବର୍ତ୍ତନ ଆଣିଥିଲା ?

୭. ସାମାଜିକ ପରିବର୍ତ୍ତନ ଆଣିବାରେ ଶିକ୍ଷାର ଭୂମିକା ଆଲୋଚନା କର ।

## ପାଠ୍ୟଗତ ପ୍ରଶ୍ନାବଳୀମାନଙ୍କର ଉତ୍ତର

୧୭.୧ (କ) ଠିକ୍ (ଖ) ଭୁଲ୍

୧୭.୨ (କ) ହାତଦ୍ୱାରା କରାଯାଉଥିବା, (ଖ) ଲାଭ, (ଗ) ବିଶ୍ୱ

୧୭.୩ (କ) ଦିନ-ଇ-ଇଲାହୀ (ଖ) ବିକିରଣ (ଗ) ଧର୍ମ, ଆଦର୍ଶ ଓ ବିଶ୍ୱାସ

୧୭.୪ (କ) ୧୮୨୪ (ଖ) ୧୮ (ଗ) ଦାୟିତ୍ୱବୋଧ

୧୭.୫ (କ) ସତ୍ୟ (ଖ) ସତ୍ୟ (ଗ) ସତ୍ୟ (ଘ) ମିଥ୍ୟା

**୧୭.୬**

୧. 'ଶିକ୍ଷା' ବାଳକ / ବାଳିକାଙ୍କ ମଧ୍ୟରେ ସେହି ସବୁ ଭୌତିକ, ବୌଦ୍ଧିକ ଓ ନୈତିକ ବିଚାର/ମାନସିକତା/ଜାଗ୍ରତ କରାଇଥାଏ, ଯାହା ତା'ଠାରୁ ତା'ର ନିକଟତମ ପରିବେଶ ଓ ସମାଜ ଆଶା କରିଥାଆନ୍ତି ।

୨. ଔପଚାରିକ ଶିକ୍ଷାର ଲକ୍ଷଣ ମାନ ହେଲା-

(କ) ନିୟମିତ ଓ ସ୍ୱୀକୃତି ପ୍ରାପ୍ତ ସ୍କୁଲର ବ୍ୟବସ୍ଥା । (ଖ) ନିର୍ଦ୍ଦିଷ୍ଟ ଓ ସ୍ୱଷ୍ଟ ପାଠ୍ୟ ଖସଡ଼ା ।
(ଗ) ନିର୍ଦ୍ଦିଷ୍ଟ ନୀତି ନିୟମ

୩. ସ୍କୁଲମାନେ ସେମାନଙ୍କର ପାଠ୍ୟକ୍ରମ ମାଧ୍ୟମରେ ବାଳକ - ବାଳିକାମାନଙ୍କୁ ଆଜିର ବାସ୍ତବ ବିଶ୍ୱ ସମସ୍ୟାମାନ, ଯଥା- ଯୁଦ୍ଧ, ଦାରିଦ୍ର୍ୟ, ଏଡସ୍ ଓ ବେକାରୀ ଇତ୍ୟାଦି ବିଷୟରେ ସଚେତନ କରିଥାଆନ୍ତି ।